# ବିଆଇଆଇଟିଏମ୍‌ର ବାର୍ଷିକ ଉତ୍ସବ 'ଯଶନ୍'




ଭୁବନେଶ୍ୱର,୯।୧୦(ସମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡି (ବିଆଇଆଇଟିଏମ୍) ପକ୍ଷରୁ ବାର୍ଷିକ ଉତ୍ସବ 'ଯଶନ-୨୦୨୪' ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଲ୍ ଅଡିଟୋରିଅମଠାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଉତ୍ତମ ଶୈକ୍ଷିକ ପରିବେଶରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କରିବା ଶିକ୍ଷାନୁଷ୍ଠାନର ପ୍ରମୁଖ ଲକ୍ଷ୍ୟ ବୋଲି ମଧ୍ୟ କହିଛନ୍ତି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି ଯୋଗଦେଇ ନେତୃତ୍ୱର ଗୁଣ ଓ ଗୁରୁତ୍ୱ ସମ୍ପର୍କରେ ପୌରାଣିକ ଉଦାହରଣ ସହିତ ଆଲୋକପାତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଆଇଆଇଏମ୍ ବୋଧଗୟାର ଡ. ଶ୍ରୀଲେଖା ମିଶ୍ର ଯୋଗଦେଇ ଜୀବନରେ ନିଷ୍ପତ୍ତି ନେବା ସମୟରେ ବିରାମ ନେବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଆଇଆଇଏମ୍ ବେଙ୍ଗାଲୁରୁର ପ୍ରଫେସର ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ନେତୃତ୍ୱ ବିକଶିତ କରିବାରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଅବଗତ କରିଛନ୍ତି। ଶିକ୍ଷାନୁଷ୍ଠାନର ନିଯୁକ୍ତି ଓ ପ୍ରଶିକ୍ଷଣ ସେଲ ମୁଖ୍ୟ ପ୍ରଫେସର କେ. ଚନ୍ଦ୍ରଶେଖର ନିଯୁକ୍ତି ପରିସଂଖ୍ୟାନ ଉପସ୍ଥାପନ କରିଥିବାବେଳେ ପ୍ରଫେସର ଚିନ୍ମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।